ସକାଳ
THE SAKALA
Jeypore - 25 Dec 2021 - Page 11

## ● ସିୟୁଓ-ଆଇସିଏମଆର୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

# ଆଦିବାସୀଙ୍କ ସ୍ୱାସ୍ଥ୍ୟର ଉନ୍ନତି ନେଇ ହେବ ଗବେଷଣା




**କୋରାପୁଟ, ୨୪।୧୨(ସମିସ):** ଆଦିବାସୀମାନଙ୍କ ସ୍ୱାସ୍ଥ୍ୟର ବିକାଶ ଉପରେ ଗବେଷଣା କରାଯିବାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶା ଓ ମଧ୍ୟ ପ୍ରଦେଶର ଜବଲପୁରସ୍ଥିତ ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମଆର) ଏବଂ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ରିସର୍ଚ୍ଚ ଇନ୍ ଟ୍ରାଇବାଲ୍ ହେଲ୍‌ଥ (ଏନଆଇଆରଟିଏଚ)ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ଫାଗୁନାଥ ଭୋଇ ପ୍ରେସ୍ ବାର୍ତ୍ତାରେ ଜଣାଇଛନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ ଓ କର୍ମଚାରୀଙ୍କ ଉପସ୍ଥିତିରେ ଭାରପ୍ରାପ୍ତ କୁଳପତି ପ୍ରଫେସର ଡ. ଶରତ କୁମାର ପାଲିତା ଏବଂ ଆଇସିଏମ୍ଆର୍-ଏନଆଇଆରଟିଏଚ୍ ନିର୍ଦ୍ଦେଶକ ଡ.ଅପରୂପ ଦାସଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି। ଆଦିବାସୀମାନଙ୍କ ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ଏବଂ ଏଥନୋ ମେଡିସିନ୍ ଉପରେ ଗବେଷଣାରେ ସହଯୋଗ ସହ ଉପରୋକ୍ତ ଦିଗରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଆଇସିଏମଆର୍ ତାଲିମ ଦେବ। ଗବେଷଣାରେ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ, ନୃତତ୍ତ୍ୱ, ସମାଜ ବିଜ୍ଞାନ, ଅର୍ଥନୀତି, ସାମ୍ବାଦିକତା ଓ ଜନ ଯୋଗାଯୋଗ ଏବଂ ପରିସଂଖ୍ୟାନ ବିଭାଗର ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ ଅଧ୍ୟାପିକା ଏହାଦ୍ୱାରା ଉତ୍କର୍ଷତା ପାଇବେ ବୋଲି ଜଣାପଡ଼ିଛି। ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଏହି ଅଞ୍ଚଳ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ପ୍ରଫେସର ପାଲିତା ମତବ୍ୟକ୍ତ କରିଥିଲେ। ଆଦିବାସୀ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଉପରେ ଆଇସିଏମ୍ଆର୍ ଓ ଏନ୍ଆଇଆରଟିଏଚ୍ ନେଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ନିର୍ଦ୍ଦେଶକ ଡ. ଅପରୂପ ଦାଶ ସୂଚନା ଦେଇଥିଲେ। ଆଦିବାସୀମାନଙ୍କ ପାରମ୍ପରିକ ଚିକିତ୍ସକଙ୍କୁ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ସହ ସଂଯୋଗ କରିବା ଉପରେ ଡ.ଦାସ ଗୁରୁତ୍ୱାରୋପ କରିଛନ୍ତି। ଉତ୍ତମ ସ୍ୱାସ୍ଥ୍ୟ ବିକାଶର ଅନ୍ୟତମ ଉପାଦାନ ବୋଲି ଡ. ଦାସ ମତବ୍ୟକ୍ତ କରିବା ସହ ଆମେ ଯଦି ବିକାଶ କଥା ଚିନ୍ତାକରୁ ତାହେଲେ ପ୍ରଥମେ ଆଦିବାସୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଉପରେ ଆମକୁ ଧ୍ୟାନ ଦେବାକୁ ପଡ଼ିବ ବୋଲି ସେ କହିଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଆଇସିଏମଆର୍-ଏନଆଇଆରଟିଏଚ୍ ଭଳି ପ୍ରତିଷ୍ଠିତ ଦୁଇଟି ସଂସ୍ଥା ଚାହିଁଲେ ଆଦିବାସୀଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ହୋଇପାରିବ ବୋଲି ଆଇସିଏମ୍ଆର୍ ନିର୍ଦ୍ଦେଶକ ଡ. ଦାସ ପ୍ରତିକ୍ରିୟା ଦେଇଛନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସଂଲଗ୍ନ ୫ଟି ଗ୍ରାମକୁ ପୋଷ୍ୟଗ୍ରାମ ଭାବେ ନେଇଥିବା ବିଷୟକୁ ନିର୍ଦ୍ଦେଶକ ଡ.ଦାସ ଖୁସୀ ପ୍ରକଟ କରିଥିଲେ। ଏହା ବ୍ୟତୀତ ଆଇସିଏମଆର୍ ନିର୍ଦ୍ଦେଶକ ଡ.ଦାସ ନୋଡାଲ୍ ଅଧିକାରୀ ବୈଜ୍ଞାନିକ ଡ.ଶାହାଙ୍କ ସହିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ପାଲିତାଙ୍କ ପୌରହିତ୍ୟରେ ଆୟୋଜିତ ଆଦିବାସୀଙ୍କ ସ୍ୱାସ୍ଥ୍ୟ ଓ ବିକାଶ ଉପରେ ହେଉଥିବା ସେମିନାର୍‌ରେ ଯୋଗ ଦେଇଥିଲେ। ସଂକ୍ରାମକ ବିକୃତି, ହିମୋଗ୍ଲୋବାନୋପାଥି ସମେତ ଆଦିବାସୀ ଜନସଂଖ୍ୟା ମଧ୍ୟରେ ପ୍ରମୁଖ ସ୍ୱାସ୍ଥ୍ୟ ଗବେଷଣା ଉପରେ ଆଇସିଏମ୍ଆର୍ ନିର୍ଦ୍ଦେଶକ ଡ. ଦାସ ବକ୍ତବ୍ୟ ରଖିଥିଲେ। ଅଣସଂକ୍ରାମକ ବ୍ୟାଧି, ଭୂତାଣୁ ଓ ଜୋନାଟିକ୍ ରୋଗ, ସାମାଜିକ ବିଜ୍ଞାନ ଓ ଏଥନୋ ଔଷଧ, ପୁଷ୍ଟିହୀନତା, ମ୍ୟାଲେରିଆ, ଶିଶୁ ଓ ମାତୃ ମୃତ୍ୟୁହାର, ଜନସଂଖ୍ୟା ବୃଦ୍ଧି ଓ ବନ୍ଧ୍ୟାତ୍ୱ, ସ୍ୱାସ୍ଥ୍ୟ ଓ ବିଦ୍ୟାଳୟ ସ୍ୱାସ୍ଥ୍ୟ ଆଦିବାସୀ ଜନସଂଖ୍ୟା ଉପରେ ଜ୍ଞାନ ବ୍ୟବଧାନ ସମେତ ଆଦିବାସୀ ସ୍ୱାସ୍ଥ୍ୟରେ ପ୍ରମୁଖ ଆହ୍ୱାନ ବୋଲି ଡ. ଦାସ କହିଥିଲେ। ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର କପିଳେଶ୍ୱର ଖେମୁଣ୍ଡୁ ସ୍ୱାଗତ ଭାଷଣ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ.ଫାଗୁନାଥ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଦିବାସୀଙ୍କ ସ୍ୱାସ୍ଥ୍ୟ ଉପରେ ଗବେଷଣା ଚୁକ୍ତି ସ୍ୱାକ୍ଷରିତ

ସୁନାବେଡା,୨୪।୧୨(ନି.ପ୍ର.); ଓଡ଼ିଶାରେ ଆଦିବାସୀଙ୍କ ସ୍ୱାସ୍ଥ୍ୟ ଉପରେ ଗବେଷଣା କରିବା ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟ ଓ ମଧ୍ୟ ପ୍ରଦେଶ ଜବଲପୁରସ୍ଥିତ ଭାରତୀୟ ଚିକିତ୍ସା ଗବେଷଣା ପରିଷଦ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ରିସର୍ଚ୍ଚ ଇନ ଟ୍ରାଇବଲ ହେଲଥ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପାଳିତ ଓ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ରିସର୍ଚ୍ଚ ଇନ ଟ୍ରାଇବଲ ହେଲଥର ନିର୍ଦ୍ଦେଶକ ଡ. ଅପରୂପ ଦାସ, ବିଶ୍ୱବିଦ୍ୟାଳୟର ପରିଦର୍ଶକ ପ୍ରଫେସର,




ଅଧ୍ୟାପକଅଧ୍ୟାପିକା କର୍ମଚାରୀଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଆଦିବାସୀଙ୍କ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ଏବଂ ଏଥ୍ନୋମେଡ଼ିସିନ ଉପରେ ଗବେଷଣା ସହଯୋଗ ସହିତ ଉପରୋକ୍ତ ଦିଗ ଉପରେ ଛାତ୍ରଛାତ୍ରୀ ଅଧ୍ୟାପକଅଧ୍ୟାପିକାଙ୍କୁ ତାଲିମ ଦେବା। ଏଥିରେ ଅଧ୍ୟାପକ ଓ ବୈଜ୍ଞାନିକଙ୍କ ବିନିମୟ, ମିଳିତ ପ୍ରକଳ୍ପ ତଦାରଖ ଏବଂ ଗବେଷଣା ମାର୍ଗ ଦର୍ଶନ ମଧ୍ୟ ଅନ୍ତର୍ଭୁକ୍ତ। ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ, ନୃତତ୍ତ୍ୱ, ସମାଜବିଜ୍ଞାନ, ଅର୍ଥନୀତି, ସାମ୍ବାଦିକତା ଏବଂ ଗଣ ଯୋଗାଯୋଗ ଏବଂ ପରିସଂଖ୍ୟାନ ଭଳି ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଅଧ୍ୟାପକଅଧ୍ୟାପିକା ଏହା ଦ୍ୱାରା ଉତ୍କର୍ଷତା ପାଇପାରିବେ ବୋଲି କୁଳପତି ପ୍ରଫେସର ଶ୍ରୀ ପାଳିତ କହିଛନ୍ତି। ନିର୍ଦ୍ଦେଶକ ଡ. ଅପରୁପ ଦାସ ଆଦିବାସୀଙ୍କ ପାରମ୍ପରିକ ଚିକିତ୍ସଙ୍କୁ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ସହିତ ସଂଯୋଗ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ପୋଷ୍ୟ ଗ୍ରାମରେ ଶିକ୍ଷା ସ୍ୱାସ୍ଥ୍ୟ ଓ ସାମାଜିକ କାର୍ଯ୍ୟ କରାଯାଉଥିବାରୁ ନିର୍ଦ୍ଦେଶକ ଡ. ଦାସ ସନ୍ତୋଷବ୍ୟକ୍ତ କରିଥିଲେ। ଡ. କପିଳ ଖେମୁଣ୍ଡୁ ସ୍ୱାଗତ ଭାଷଣ ଦେଇଥିଲେ। ଲୋକସମ୍ପର୍କ ଅଧିକାରୀ ଫଗୁନାଥ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# CUO inks pact on tribal health with NIRTH

PNS ■ KORAPUT

The Central University of Orissa (CUO), Koraput signed a Memorandum of Understanding (MoU) with Indian Council of Medical Research-National Institute of Research in Tribal Health (ICMR-NIRTH), Jabalpur, Madhya Pradesh for academic collaboration to promote research on tribal health.

CUO Vice-Chancellor, Prof SK Palita and ICMR-NIRTH Director, Dr Aparup Das, signed the MoU in presence of visiting Professors, teachers and officials of the CUO and the ICMR-NIRTH.




Prof Palita highlighted various objectives of the MoU including that it will cover research collaboration on tribal health, nutrition and ethnomedicine along with training of students and faculty on the aspects. It also covers faculty and scientist exchange, joint project supervision and research guidance, he said.

The students and faculty of Departments like Biodiversity and Conservation of Natural Resources, Anthropology, Sociology, Economics, Journalism and Mass Communication and Statistics of CUO will benefit out of the MoU.

Dr Das on a two-day visit to CUO interacted with faculty, research scholars and students. He specifically emphasised connecting the tribal traditional healers to the public health system (connecting the unconnected).